# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 June - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ ପୁରୀ ଶ୍ରୀମନ୍ଦିରର ଖୋଲିଲା ଚାରି ଦ୍ୱାର
- କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଆଜି ଦାୟିତ୍ୱ ଗ୍ରହଣ କଲେ ଧର୍ମେନ୍ଦ୍ର ପ୍ରଧାନ
- ନିଟ୍ ୟୁଜି ମେଡିକାଲ ପ୍ରବେଶିକା ପରୀକ୍ଷାରେ ୧ ହଜାର ୫୬୩ ଜଣ ପରୀକ୍ଷାର୍ଥୀଙ୍କ ଗ୍ରେସ୍ ମାର୍କ ବାତିଲ
- ଓଡ଼ିଶା ଡାକ ବିଭାଗ ନିଯୁକ୍ତିରେ ସାର୍ଟିଫିକେଟ୍ ଜାଲିଆତି ଅଭିଯୋଗ ନେଇ ସିବିଆଇର ଚଢ଼ାଉ

ଏବଂ

- ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗାମୀ ୩-୪ ଦିନ ମଧ୍ୟରେ ରାଜ୍ୟର ଆଉ କିଛି ଅଞ୍ଚଳକୁ ସ୍ପର୍ଶ କରିପାରେ; କହିଲା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର

*BBSR/Puri*

# ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିଲା

ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ ଆଜି ପୁରୀ ଶ୍ରୀମନ୍ଦିରର ୪ଟି ଦ୍ୱାର ଖୋଲାଯାଇଛି । ଆଜି ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରି ପରିଷଦର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଙ୍ଗଳ ଆଳତୀ ଦର୍ଶନ କରି ଶ୍ରୀମନ୍ଦିର ପରିକ୍ରମା ମାର୍ଗ ବୁଲି ଦେଖିଥିଲେ । ଭକ୍ତ ଓ ଶ୍ରଦ୍ଧାଳୁମାନେ ଯେଭଳି ଶୃଙ୍ଖଳିତ ଭାବେ ଶ୍ରୀଜୀଉଙ୍କୁ ଦର୍ଶନ କରିପାରିବେ ସେ ନେଇ ସରକାର ସମସ୍ତ ବ୍ୟବସ୍ଥା କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସୂଚନାଯୋଗ୍ୟ, କୋଭିଡ୍ ପରଠାରୁ ଶ୍ରୀମନ୍ଦିରର ୪ଟି ଦ୍ୱାର ମଧ୍ୟରୁ ତିନୋଟି ଦ୍ୱାରକୁ ବନ୍ଦ ରଖାଯାଇଥିଲା । କେବଳ ସିଂହଦ୍ୱାର ଦେଇ ଭକ୍ତମାନେ ମନ୍ଦିର ମଧ୍ୟକୁ ପ୍ରବେଶ କରିପାରୁଥିଲେ ।

ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଟୁଇଟ୍ ଜରିଆରେ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଅଗଣିତ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ୪ ଦ୍ୱାର ଖୋଲାଯାଇଛି ।

*HS*

## ଧର୍ମେନ୍ଦ୍ର ପ୍ରଧାନ– ମନ୍ତ୍ରୀ ଦାୟିତ୍ୱ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ପ୍ରଧାନ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଥମ ପାଳି ସରକାରରେ ପେଟ୍ରୋଲିୟମ ଓ କୌଶଳ ବିକାଶ ବିଭାଗର ମନ୍ତ୍ରୀ ଥିବା ବେଳେ ଦ୍ୱିତୀୟ ପାଳି ସରକାରରେ ପେଟ୍ରୋଲିୟମ, ଶିକ୍ଷା ଓ କୌଶଳ ବିଭାଗର ମନ୍ତ୍ରୀ ରହିଥିଲେ।

*HS*

## ମୁଖ୍ୟମନ୍ତ୍ରୀଙ୍କ ଗୋପବନ୍ଧୁ ଜନ୍ମସ୍ଥଳୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋ ଗସ୍ତ କରି ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ସାଂସଦମାନେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୁଆଣ୍ଡୋ ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହିତ ରାଜ୍ୟ ସରକାର ଆଗାମୀ ୧୦୦ ଦିନ ମଧ୍ୟରେ ସମୃଦ୍ଧ କୃଷକ ନୀତି ଆଣିବେ ବୋଲି କହିଛନ୍ତି।

*Desk*

## ରାଜ୍ୟ ସଚିବାଳୟ– ସାମ୍ବାଦିକ ପ୍ରବେଶ ଅନୁମତି

ରାଜ୍ୟ ସଚିବାଳୟ ତଥା ଲୋକସେବା ଭବନକୁ ସାମ୍ବାଦିକମାନଙ୍କ ପ୍ରବେଶକୁ ଅନୁମତି ଦିଆଯାଇଛି । କୋଭିଡ୍ ପାଇଁ ୨୦୨୦ ମସିହାଠାରୁ ଲୋକସେବା ଭବନକୁ ସାମ୍ବାଦିକମାନଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା । ଗତକାଲି ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ଏହି ପ୍ରତିବନ୍ଧକ ହଟାଇ ଦିଆଯାଇଛି ।

***HS***

## ନିଟ୍ ୟୁଜି- ସୁପ୍ରିମକୋର୍ଟ

ନିଟ୍ ୟୁଜି ମେଡିକାଲ ପ୍ରବେଶିକା ପରୀକ୍ଷାରେ ୧ ହଜାର ୫୬୩ ଜଣ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କ ବାତିଲ କରାଯାଇଛି । ଆଜି କେନ୍ଦ୍ର ସରକାର ଏହି ବିଷୟ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଇଛନ୍ତି । ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଅବକାଶ କାଳୀନ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି । ଜାତୀୟ ପରୀକ୍ଷଣ ସଂସ୍ଥା– ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି, ଯେଉଁ ପରୀକ୍ଷାର୍ଥୀ ମାନଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି ସେମାନେ ଚଳିତ ମାସ ୨୩ରେ ପୁର୍ନବାର ପ୍ରବେଶିକା ପରୀକ୍ଷା ଦେଇପାରିବେ । ଜୁନ୍ ୩୦ ସୁଦ୍ଧା ଏହି ପରୀକ୍ଷାଫଳ ପ୍ରକାଶ ପାଇବ । ଯଦି ସେହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେହି ଏହି ପରୀକ୍ଷା ନ ଦିଅନ୍ତି ତେବେ ସେ କ୍ଷେତ୍ରରେ ଗ୍ରେସ୍ ମାର୍କ ବିନା ମାର୍କସିଟ୍ ପ୍ରଦାନ କରାଯିବ । ତେବେ ସୁପ୍ରିମକୋର୍ଟ ପୁଣିଥରେ ନିଟ୍ କାଉନସେଲିଂ ଉପରେ ରୋକ୍ ଲଗାଇବାକୁ ମନା କରି ଦେଇଛନ୍ତି ।

ଏହି ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ନିଟ୍ ୟୁଜି ପ୍ରବେଶିକା ପରୀକ୍ଷାରେ କୌଣସି ଅନିୟମିତତା ହୋଇନାହିଁ।

***Desk***

## ଆଇଟିଇପି ପରୀକ୍ଷା ବାତିଲ

ବୈଷୟିକ ତ୍ରୁଟି ଯୋଗୁଁ ସମନ୍ୱିତ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ବାତିଲ କରାଯାଇଛି। ଗତକାଲି କିଛି କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଅନ୍ୟ କେତେକ କେନ୍ଦ୍ରରେ ବୈଷୟିକ ତ୍ରୁଟି ଯୋଗୁଁ ପରୀକ୍ଷା ଆରମ୍ଭ ହୋଇପାରି ନ ଥିଲା। ଏହି ପରୀକ୍ଷା ପରିଚାଳନା କରୁଥିବା ଜାତୀୟ ପରୀକ୍ଷଣ ସଂସ୍ଥା– ଏନ୍.ଟି.ଏ. ସମସ୍ତ କେନ୍ଦ୍ରର ପରୀକ୍ଷାକୁ ବାତିଲ କରାଯାଇଥିବା ନେଇ ସୂଚନା ଦେଇଛି। କେନ୍ଦ୍ରୀୟ ଓ ରାଜ୍ୟ ବିଶ୍ୱବିଦ୍ୟାଳୟ ଆଇ.ଆଇ.ଟି, ଏନ୍.ଆଇ.ଟି. ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ସରକାରୀ ମହାବିଦ୍ୟାଳୟରେ ୪ ବର୍ଷୀୟା ସମନ୍ୱିତ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏହି ପରୀକ୍ଷା ହେଉଥିଲା। ଏଥିପାଇଁ ୪୦ ହଜାର ୨୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିବା ବେଳେ ଦେଶର ୧୬୦ ସହରର ୨୯୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବାର ଥିଲା। ଏହି ପରୀକ୍ଷା ବାତିଲ ହେବା ପରେ ପରବର୍ତ୍ତୀ ତାରିଖ ଏନ୍.ସି.ଇ.ଟି. ୱେବସାଇଟ୍‌ରେ ପ୍ରକାଶ ପାଇବ ବୋଲି ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି।

***Desk***

## ଓଡ଼ିଶା ଡାକବିଭାଗ–ସିବିଆଇ

ଓଡ଼ିଶା ଡାକ ବିଭାଗ ନିଯୁକ୍ତିରେ ସାର୍ଟିଫିକେଟ୍ ଜାଲିଆତି ଅଭିଯୋଗରେ ଆଜି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ- ସିବିଆଇ ୬୭ଟି ସ୍ଥାନରେ ଚଢ଼ାଉ କରୁଛି। ରାଜ୍ୟର କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ ଚାଲିଛି। ଗତବର୍ଷ ଓଡ଼ିଶା ଡାକ ମଣ୍ଡଳରେ ଗ୍ରାମୀଣ ଡାକ ସେବକ ପରୀକ୍ଷାରେ ୧ ହଜାର ୩୮୨ଟି ପଦବୀ ପାଇଁ ପରୀକ୍ଷା ହୋଇଥିଲା। ଏଥିପାଇଁ ସର୍ବନିମ୍ନ ଯୋଗ୍ୟତା ଦଶମ୍ ପାସ୍ ରଖାଯାଇଥିଲା। ସାର୍ଟିଫିକେଟ୍ ଯାଞ୍ଚ ସମୟରେ ୬୩ ଜଣ ପରୀକ୍ଷାର୍ଥୀ ନକଲି ଦଶମ ପାସ୍ ପ୍ରମାଣପତ୍ର ଦାଖଲ କରିଥିବା ଜଣାପଡ଼ିବା ପରେ ସିବିଆଇରେ ମାମଲା ରୁଜୁ କରାଯାଇଥିଲା।

***BHK/Ganjam/Nabaranpgur***

## ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍

ନବରଙ୍ଗପୁର ଜିଲ୍ଲାରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଏବଂ ମକ୍‌ଡ୍ରିଲ୍ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୮ ତାରିଖରେ ଜିଲ୍ଲା, ବ୍ଲକ ଓ ପୌରାଞ୍ଚଳ ସ୍ତରରେ ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ ହେବ ବୋଲି ଜଣାପଡ଼ିଛି। ଜିଲ୍ଲାପାଳ ଡକ୍ଟର କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ଗୁରୁତ୍ୱ ଦେଇ ସଦାସର୍ବଦା ସଜାଗ ରହିବା ପାଇଁ ମତପ୍ରକାଶ ପାଇଛି।

ସେହିପରି ଗଞ୍ଜାମ ଜିଲ୍ଲାରେ ଚଳିତ ମାସ ୧୮ ଓ ୧୯ ତାରିଖରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ପର୍କିତ ବୈଠକରେ ମାନବସମ୍ବଳର ଉପଯୋଗ ଏବଂ ଯନ୍ତ୍ରାଂଶର ବ୍ୟବହାର କରି ମଣିଷ ଓ ପଶୁସମ୍ପଦର ସୁରକ୍ଷା ନିମନ୍ତେ ଦୁଇଦିନ ଧରି ପ୍ରଶିକ୍ଷଣ ଦିଆଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି।

ଭଦ୍ରକ ଜିଲ୍ଲାର ୧୦୫ଟି ବାତ୍ୟା ଆଶ୍ରୟସ୍ଥଳୀରେ ଜୁନ୍ ୧୮ ଓ ୧୯ ତାରିଖରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହେବ। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହା ସ୍ଥିର କରାଯାଇଛି। ଏଥିରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନଜୀବନ ସୁରକ୍ଷା ସହ ବିଭିନ୍ନ ମୌଳିକ ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିବା ଜଣାପଡ଼ିଛି।

***Desk***

## ଏନ୍‌ସିସି କ୍ୟାଡେଟଙ୍କୁ ତାଲିମ

ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ସହ ମେଡିକାଲରେ ଭର୍ତ୍ତି କରିବା ଓ ଆହତଙ୍କ ଜୀବନ ରକ୍ଷା କରିବା ଉଦ୍ଦେଶ୍ୟରେ ରାଜ୍ୟର ୪୨୦ ଜଣ ଏନ୍.ସି.ସି. କ୍ୟାଡେଟଙ୍କୁ ଜୁନିୟର ରକ୍ଷକ ଶିବିର ଅଧୀନରେ ତାଲିମ ଦିଆଯାଇଛି। କଟକ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟର ଏନ୍.ସି.ସି. ଛାତ୍ରଛାତ୍ରୀଙ୍କୁ ନେଇ ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ

ମହାବିଦ୍ୟାଳୟରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପରିବହନ ପ୍ରାଧିକରଣ, ତୃତୀୟ ଓଡ଼ିଶା ନାଭାଲ ୟୁନିଟ୍ ଏବଂ ଏନ୍.ସି.ସି ଆନୁକୂଲ୍ୟରେ ଏହି ତାଲିମ ଦିଆଯାଇଛି । ଏହି ପ୍ରଶିକ୍ଷଣ ସମୟରେ ସଡ଼କ ଟ୍ରାଫିକ ସିଗ୍ନାଲ, ଦୁର୍ଘଟଣାର କାରଣ ଓ ନିରାକରଣ ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ରୋକିବାର ଉପାୟ ସମ୍ପର୍କରେ ତାଲିମ ଦିଆଯାଇଥିଲା ।

*Nabarangpur*

## ବିହନ ବିକ୍ରୟ କେନ୍ଦ୍ର ଯାଞ୍ଚ

ନବରଙ୍ଗପୁର ଜିଲ୍ଲା କୃଷି ବିଭାଗ ପକ୍ଷରୁ ତେନ୍ତୁଳିଖୁଣ୍ଟି ବ୍ଲକରେ ଥିବା ବିହନ ବିକ୍ରୟ କେନ୍ଦ୍ର ଯାଞ୍ଚ କରାଯାଇଛି । ଯାଞ୍ଚ ସମୟରେ ବିହନ ଡିଲର ପାଇଁ ନିୟମ ଅନୁପାଳନ, ଓଡ଼ିଆରେ ନାମଫଳକ ଅଛି କି ନାହିଁ ତାହା ଯାଞ୍ଚ କରାଯାଉଛି । ଏହିକ୍ରମରେ ଜିଲ୍ଲାର ଦିଗି ଓ ଗୌଡ଼ଗୁଡ଼ାର ଗୋଟିଏ ଲେଖାଏଁ ଚରାମୂଳା ଓ ତେନ୍ତୁଳିଖୁଣ୍ଟିର ଦୁଇଟି ଲେଖାଏଁ ଏବଂ ତିଗୁଡ଼ାର ୪ଟି ବିହନ କେନ୍ଦ୍ରକୁ ନିୟମ ପାଳନ କରୁ ନ ଥିବା ଅଭିଯୋଗରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ।

*Desk*

## ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତ

ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ଦଳକୁ ୯ଟି ପଦକ ମିଳିଛି । ଏଥିରେ ତିନୋଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ଦୁଇଟି କାଂସ୍ୟପଦକ ରହିଛି । ରାଜସ୍ଥାନର ଗଙ୍ଗନଗର ଠାରେ ଆୟୋଜିତ ଏହି

ପ୍ରତିଯୋଗିତାରେ ୮୪ କିଲୋଗ୍ରାମରୁ ଊର୍ଦ୍ଧ୍ୱ ବର୍ଗରେ ଆକାଂକ୍ଷା ପରିଡ଼ା ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ପୁରୁଷ ୧୨୦ କିଲୋଗ୍ରାମରୁ ଅଧିକ ବର୍ଗରେ ରୋହିତ ପାତ୍ର, ୬୬ଟି କିଲୋଗ୍ରାମରୁ ଅଧିକ ବର୍ଗରେ ସୋମେନ ସେନାପତି ସ୍ୱର୍ଣ୍ଣପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ଶ୍ରାବଣୀ ଜେନା, ଅନନ୍ୟା ଅନିନ୍ଦିତା ଗିରି, ନିଶିକାନ୍ତ ମଣ୍ଡଳ ଓ ପ୍ରିୟବ୍ରତ ବିଷୋୟୀ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ଆଶିଷ ସାହୁ ଓ ଅମ୍ଳାନ ମହାନ୍ତି କାଂସ୍ୟ ପଦକ ହାସଲ କରିଛନ୍ତି। ଏଥିରେ ଓଡ଼ିଶାରୁ ମୋଟ୍ ୨୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

***Desk***

## କଳାହାଣ୍ଡି କପ୍ କ୍ରିକେଟ

ଓଡ଼ିଶା କ୍ରିକେଟ ଆସୋସିଏସନ୍ ଦ୍ୱାରା ଆୟୋଜିତ କଳାହାଣ୍ଡି କପ୍ ସୁପରଲିଗ୍ ପର୍ଯ୍ୟାୟରେ ଓଡ଼ିଶା ସି’ ଦଳ ପୂର୍ବତଟ ରେଳବାଇକୁ ୧୫ ରନ୍‌ରେ ପରାସ୍ତ କରିଛି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ କଟକ-ଏ’ ଦଳ ଅବଶିଷ୍ଟ ଓଡ଼ିଶା-ଏ’ ଦଳକୁ ପରାସ୍ତ କରିଛି। ଅନ୍ୟ ଏକ ମ୍ୟାଚ୍‌ରେ ଭୁବନେଶ୍ୱର-ଏ’ ୧୦୬ ରନ୍‌ରେ ଅବଶିଷ୍ଟ ଓଡ଼ିଶା-ଡି’ ଦଳକୁ ପରାସ୍ତ କରିଥିବା ବେଳେ ଅବଶିଷ୍ଟ ଓଡ଼ିଶା-ବି’ ଦଳ ୧୦୩ ରନ୍‌ରେ ବାଲେଶ୍ୱରକୁ ପରାସ୍ତ କରିଛି।

***Desk***

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୩ରୁ ୪ ଦିନ ମଧ୍ୟରେ ରାଜ୍ୟର କିଛି ଅଞ୍ଚଳକୁ ସ୍ପର୍ଶ କରିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛି। ସୂଚନା ଅନୁଯାୟୀ, ମୌସୁମୀ ସ୍ପର୍ଶ କରିବା ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସହ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ଅନୁଭୂତ ହେବ। ଅନ୍ୟପକ୍ଷରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଓ ଘଣ୍ଟାଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ଥିବା ପାଣିପାଗ କହିଛି। ଗତ ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ାଠାରେ ସର୍ବାଧିକ ୧୦ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

*********************************